# ଜନଜାତି ଜୀବନ ଭିତିକ ଓଡିଆ ଉପନ୍ୟାସ ଏକ ସଂକ୍ଷିପ୍ତ ଆକଳନ

**ଅଧ୍ୟାପିକା ଦେବହୁତୀ ପଟ୍ଟନାୟକ**
ଓଡିଆ ଭାଷା ସାହିତ୍ୟ ବିଭାଗ, କିସ୍ ମାନିତ ବଶ୍ୱବିଦ୍ୟାଳୟ,ଭୁବନେଶ୍ୱର
Email : pattanaikdebahuti@gmail.com

**ସଂକ୍ଷିପ୍ତସାର :**

ଉପନ୍ୟାସ, ସାହିତ୍ୟ ଜଗତର ସବୁଠାରୁ ଅଧିକ ପ୍ରଭାବଶାଳୀ ସୃଷ୍ଟି ଏବଂ ଏକ ବଳିଷ୍ଟ ଅଙ୍ଗ ଅଟେ । ଉପନ୍ୟାସର ଚରିତ୍ର ଗୁଡିକ ସମାଜର ସଂସ୍କାର ଅଭିମୁଖୀ କ୍ଷେତ୍ରରେ ଏହା ଏକ ବଳିଷ୍ଠ ତଥା ପ୍ରଭାବଶାଳୀ ମାଧ୍ୟମ ରୂପେ ପ୍ରମାଣିତ ହୋଇଛନ୍ତି ।

ଗୋଟିଏ ଗୋଟିଏ ଶକ୍ତିଶାଳୀ ଉପନ୍ୟାସ ଦେଶ ଓ ସମାଜର ଆଭିମୁଖ୍ୟ ବଦଳାଇବାରେ ସାହାଯ୍ୟ କରିଥାଏ । ଜୀବନ ସହିତ ଉପନ୍ୟାସର ସମ୍ପର୍କ ଅତ୍ୟନ୍ତ ନିବିଡ । ଉପନ୍ୟାସରେ ଜୀବନର ଚିତ୍ର ଅତ୍ୟନ୍ତ ବିସ୍ତୃତ ଭାବେ ରୂପାୟିତ ହୋଇଥାଏ । ଏଣୁ ଓଡିଆ ସାହିତ୍ୟରେ ଜନଜାତିଭିତିକ ଉପନ୍ୟାସ ଗୁଡିକରେ ଜନଜାତି ଜୀବନର ନିଛକ ପ୍ରତିଛବି ପ୍ରତିଫଳିତ ହୋଇଛି ଯାହା ଅନ୍ୟାନ୍ୟ ଭାରତୀୟ ଭାଷାରେ ରଚିତ ଉପନ୍ୟାସରେ ଦେଖିବାକୁ ମିଳେନାହିଁ । ଓଡିଆ ଉପନ୍ୟାସ ସାହିତ୍ୟରେ ଜନଜାତି ଜୀବନର ଚିତ୍ର ଅତ୍ୟନ୍ତ ଜୀବନ୍ତ ମାର୍ମିକ ଓ ସମ୍ବେଦନଶୀଳ ।

**ମୁଖ୍ୟଶବ୍ଦ :** ସଂସ୍କୃତି, ସଂପ୍ରଦାୟ, ଜୀବନଚର୍ଯ୍ୟା, ସ୍ୱାତନ୍ତ୍ୟତା, ପରମ୍ପରା, ବିଶେଷତ୍ୱ, ବୈଶିଷ୍ଟ୍ୟ, ଆଲେଖ୍ୟ, ସାମଗ୍ରିକ, ଅବଲୁପ୍ତ, ବିସ୍ଥାପନ, ଜୀବନଚିତ୍ର ।

## ଉପକ୍ରମ:

ମନୁଷ୍ୟ ସଭ୍ୟତାର ଅୟମାରମ୍ଭ ଘଟିଥିଲା ଘଞ୍ଚ ବନାନୀର କାନ୍ତ କମନୀୟ ଶାନ୍ତ ସରଳ ମନୋରମ ପରିବେଶରୁ ଯେଉଁଠି ସରଳ ନିଷ୍ପାପ ମଣିଷ ପ୍ରକୃତି କୋଳରେ ତା'ର ଜୀବନ ଜୀବିକା ଗଢିବା ଆରମ୍ଭ କରିଥିଲା ଏବଂ ପରିବର୍ତ୍ତନର ଧାରା ସହିତ ନିଜକୁ ସାମିଲ ନକରିପାରି ପ୍ରକୃତି ସନ୍ତାନ ହୋଇ ରହିଯାଇଥିଲା, ସେହିମାନଙ୍କୁ ଆଧୁନିକ ମଣିଷ ଜନଜାତି, ଆଦିମ ଜନଜାତି ବା ଆଦିବାସୀ ବୋଲି ଆଖ୍ୟା ଦେଇଛି । ଆଦିବାସୀ ଅର୍ଥାତ ପୃଥିବୀର ପ୍ରଥମ ଅଧିବାସୀ ସେମାନେ କାହିଁ କେଉଁ ପ୍ରାଗୈତହାସିକ କାଳରୁ ଆମ ରାଜ୍ୟରେ ଜନଜାତି ସଭ୍ୟତାର ଅଧିବାସୀ ରୂପେ ଆମ ସଂସ୍କୃତି ପରମ୍ପରାର ଏକ ସ୍ୱତନ୍ତ୍ର ଅଂଶ ଅଧିକୃତ କରିଛନ୍ତି । ସେମାନଙ୍କର ସରଳ ନିଷ୍ପାପ, ନିରାଡମ୍ବର ଜୀବନ ଶୈଳୀ, ପ୍ରକୃତିପ୍ରେମୀ, କୃତଜ୍ଞତା, ବିନମ୍ରତା, ବିଶ୍ୱାସନୀୟତା ଗୁଣ ଇତ୍ୟାଦି ତାଙ୍କ ଜୀବନ ଚର୍ଯ୍ୟାର ସ୍ୱତନ୍ତ୍ର ପରିଚୟ । ଏହି ସ୍ୱାତନ୍ତ୍ୟତା ସମୟ ସ୍ରୋତର ପ୍ରବାହରେ ଅନେକ ସମୟରେ ସାହିତ୍ୟ ସ୍ରଷ୍ଟା ମାନଙ୍କପାଇଁ ସର୍ଜନାତ୍ମକ ପ୍ରେରଣାର ଉତ୍ସ ଭାବେ ପ୍ରମାଣ ଦେଇଆସିଛି । ଏହି ସ୍ରୋତ କାହିଁ କେଉଁ ପ୍ରାଚୀନ ସମୟରୁ ସାହିତ୍ୟରେ ପ୍ରବାହିତ ହୋଇ ଆସୁଅଛି ।( ୧ )

ସଂସ୍କୃତ ଭାଷାରେ ରଚିତ ପୁରାଣ ମାନଙ୍କରୁ ପ୍ରମାଣ ମିଳେ କଳିଙ୍ଗ ଉଡ୍ର ଯାହାକି ବର୍ତ୍ତମାନର ଓଡିଶାରେ ଆର୍ଯ୍ୟେତର ଜାତିର ଅର୍ଥାତ ଜନଜାତିର ଲୋକମାନେ ବହୁପୁରାତନ କାଳରୁ ବାସ କରିଆସୁଛନ୍ତି । ଯାହାର ଉଦାହରଣ ରାମାୟଣର ଗୁହକ ଚରିତ୍ର, ମହାଭାରତର ଏକଲବ୍ୟ ଚରିତ୍ରରେ ଆମେ ଦେଖିବାକୁ ପାଉ । ବର୍ତ୍ତମାନ କାଳରେ ବିଚାର କଲେ ସମଗ୍ର ଭାରତର ପ୍ରାୟ ମୋଟ ଜନସଂଖ୍ୟାର ୮.୬ ଭାଗ ଆଦିବାସୀ ହୋଇଥିବା ବେଳେ ଓଡିଶାର ମୋଟ ଜନସଂଖ୍ୟାର ପ୍ରାୟ ୨୩ ଭାଗ ହେଉଛନ୍ତି ଆଦିବାସୀ ଭାରତରେ ପ୍ରାୟ ୬୪୫ ପ୍ରଜାତିର ଜନଜାତି ଦେଖାଯାଉଥିବା ବେଳେ ଓଡିଶାରେ ପ୍ରାୟ ୬୨ ପ୍ରକାର ଜନଜାତି ଦେଖାଯାଆନ୍ତି, ସେମାନଙ୍କ ମଧ୍ୟରେ ୧୩ ପ୍ରକାର ହେଉଛନ୍ତି ଆଦିମ ଜନଜାତି । ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ । ୨୦୧୧ ଜନ ଗଣନା ଅନୁଯାୟୀ ଆଦିବାସୀ ଜନସଂଖ୍ୟା ୯୫,୯୦,୬୫୬ ଥିଲା ।(୨)

ଯେହେତୁ ଓଡିଶାର ଭୌଗୋଳିକ ପରିବେଷ୍ଟନୀ ତଥା ସାଂସ୍କୃତିକ ଅବସ୍ଥିତର ଏକ ବୃହତ ଭାଗ ଆଦିବାସୀ ଜନଜାତି ଅଟନ୍ତି । ଏଣୁ ମୂଳ ସଂସ୍କୃତି ଓ ସାହିତ୍ୟରେ ଏହି ଜନଜାତି ସଂସ୍କୃତିର ଏକ ସ୍ୱତନ୍ତ୍ର ପ୍ରଭାବ ରହିଛି । ଓଡିଆ ସାହିତ୍ୟର ରାଜରାସ୍ତାରେ ଏମାନଙ୍କର ଏକ ପ୍ରଭାବଶାଳୀ କ୍ରିୟାଶୀଳତା ଅନୁଭବ ହୁଏ ଏବଂ ଅନେକ ସମୟରେ ଓଡିଶାର ବିଶିଷ୍ଟ ସାହିତ୍ୟିକମାନଙ୍କୁ ଏମାନଙ୍କର ନିଷ୍କପଟ ଛନ୍ଦହୀନ ବୈଚିତ୍ରମୟ, ସଂସ୍କୃତି ସମ୍ପନ୍ନ ଜୀବନ ପ୍ରବାହ ଆକୃଷ୍ଟ କରିଛି । ତେଣୁ ସେମାନେ ସାହିତ୍ୟର ପତ୍ର ଉପରେ ଏମାନଙ୍କ ଜନ ଜୀବନ ସଂସ୍କୃତି, ମୁକ୍ତ ବିହଙ୍ଗ ପରି ଜୀବନ ଧାରାର ରୂପରେଖାକୁ ଉଜ୍ଜୀବିତ କରି ପାଠକମାନଙ୍କ ପାଖରେ ପରିବେଷଣ କରିଛନ୍ତି ।

ଓଡିଆ ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ପ୍ରାୟ ହଜାର ବର୍ଷ ତଳୁ ସାହିତ୍ୟରେ ଆଦିବାସ ଜନଜୀବନର ଚିତ୍ର ପ୍ରତିଫଳିତ ହୋଇଛି । ଚର୍ଯ୍ୟାଗୀତିକା ଏହାର ଏକ ଜ୍ୱଳନ୍ତ ନମୁନା । ଏଥିରେ ବର୍ଣ୍ଣିତ ଉପମା ରୂପକ ଓ ଚିତ୍ରକଳ୍ପମାନ ଏହି ସ୍ୱତନ୍ତ୍ର ସଂସ୍କୃତି ପରମ୍ପରାକୁ ଅନୁସରଣ କରି ଗୃହୀତ ହୋଇଛି ।

ଉଦାହରଣ

ଉଁଚା ଉଚା ପାବତ ତହିଁ ବସଇ ସବରୀବାଳୀ
ମୋରଙ୍ଗୀ ପୀଛ ପରିହଣ ସବରୀ ଜଗତ ଗୁଞ୍ଜରୀମାଳୀ
ଉମତ ସବରୋ ପାଗଳସବରୋ ମାକର ଗୁଳି ଗୁହାଡ ତୋହରି
ଣିଅ ଗରଣୀ ନାମେ ସହଜ ସୁନ୍ଦରୀ

ଅନ୍ୟ ଏକ ଉଦାହରଣ ସ୍ୱରୂପ ସାରଳା ମହାଭାରତର ପରିସର ମଧ୍ୟରେ ମଧ୍ୟ ଆମେ ଆଦୀବାସୀ ଜୀବନ ଚିତ୍ର ଦେଖିବାକୁ ପାଉ । ଯେପରିକି ଆଦି ପର୍ବରେ ଜରା ଶବର ଓ ଏକଲବ୍ୟଙ୍କର କଥା ବର୍ଣ୍ଣନା ଦୃଷ୍ଟିରୁ "ଯେତେବେଳେ ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ହେବା ପାଇଁ ଏକଲବ୍ୟ ପହଞ୍ଚିଛନ୍ତି" ତାଙ୍କର ବେଶଭୂଷା ବର୍ଣ୍ଣନା କରି କବି ଲେଖିଛନ୍ତି –

ମଥାରେ ମଜୁର ଝାଳି କଣ୍ଠେ ଗୁଞ୍ଜରାମାଳି        ଲୋହିତ ବର୍ଣ୍ଣ ନେତ୍ର ଶରୀରେ ରଙ୍ଗ ଧୂଳି
ଧାମଣା କାଠର ଧନୁ କଞ୍ଚା ବାୟେଂଶରଗୁଣ        ଡାଳି ଆବରଣ ଫିରିକି ନାରାଜ ତ୍ରୋଣ

ଶେହେନକ ସରୂପେ ଅଜପତିର ତନୟେ ଦ୍ରୋଣଙ୍କ ଦ୍ରଶନ କଲା ବାରୁଣାବନ୍ତ ଆଖଡାୟ

ଶାରଳା ମହାଭାରତରେ ଯେତିକି ଆଦିବାସୀ ଚିତ୍ର ସ୍ଥାନ ଲାଭ କରିଛି, ତହିଁରୁ ଜଣାପଡେ ଯେ କବି ଶାରଳା ଦାସ ବ୍ୟାଧ ଶବରମାନଙ୍କୁ କେଉଁଠି ହୀନ ଦୃଷ୍ଟିରେ ଦେଖାଇନାହାନ୍ତି ବା ସେମାନଙ୍କୁ ଘୃଣା କରିନାହାନ୍ତି । ବରଂ ଆଦିବାସୀ ସମ୍ପ୍ରଦାୟକୁ ସେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ମାନ୍ୟତା ଦେବା ସହିତ ସେମାନଙ୍କ ସଂସ୍କୃତିର ଗୌରବ ଗାନ କରିଛନ୍ତି । ପରବର୍ତ୍ତୀ କାଳରେ ବଳରାମ ଦାସ, ଉପେନ୍ଦ୍ର ଭଞ୍ଜ, ସଦାନନ୍ଦ କବି ସୂର୍ଯ୍ୟବ୍ରହ୍ମା, ପ୍ରମୁଖ ପ୍ରାଚୀନ କବିମାନେ ମଧ୍ୟ ନିଜ ନିଜ କାବ୍ୟ କବିତାରେ ଆଦିବାସୀ ସମ୍ପ୍ରଦାୟର ଚିତ୍ର ଆଙ୍କିଛନ୍ତି । ବଳରାମ ଦାସଙ୍କ ଜଗମୋହନ ରାମୟଣରେ ଅଯୋଧ୍ୟା କାଣ୍ଡରେ ଗୁହକ ଶବର ଓ ତାଙ୍କ ଅନୁଚରମାନଙ୍କ କଥା ବର୍ଣ୍ଣନା କରିଛନ୍ତି । ଏହି ଆଦିବାସୀ ସମ୍ପ୍ରଦାୟ ରାମଚନ୍ଦ୍ରଙ୍କର ବିଶ୍ୱସ୍ତ ହୋଇଛନ୍ତି । ବନବାସ ସମୟରେ ରାମଚନ୍ଦ୍ର ଗୁହକର ଅତିଥି ହୋଇଛନ୍ତି । ଗୁହକ (ଶବର ରାଜା) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ ସଭାରେ ସମ୍ମାନଜନକ ସ୍ଥାନ ଲାଭ କରିଛନ୍ତି ।

ଏମିତି ପ୍ରାଚୀନ ସାହିତ୍ୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ସାହିତ୍ୟ ଜଗତକୁ ଆଦିବାସୀ ଜନଜୀବନ ପ୍ରଥା ପରମ୍ପରା ସମାଜ ସଂସ୍କୃତି ପ୍ରଭାବିତ କରିଛି । ସେମାନଙ୍କ ଜୀବନକୁ ନେଇ ସୃଷ୍ଟି ହୋଇଛି ଅନେକ ସାହିତ୍ୟ ଯାହା ଓଡିଆ ସାହିତ୍ୟ ଜଗତରେ ଏକ ଏକ ଅନବଦ୍ୟ କୃତି ।

ଓଡିଆ ଭାଷାର ଅନେକ ସାହିତ୍ୟ ସ୍ରଷ୍ଟା ଯଥା ୧୯୦୮ ମସିହାରୁ ଗୋପାଳଭଲ୍ଲବ ଦାସଙ୍କ ପରି ଔପନାସିକ ଠାରୁ ଆରମ୍ଭ କରି ବର୍ତ୍ତମାନ ସମୟର ପ୍ରତିଭା ରାୟ (୧୯୯୯)ଙ୍କ ଲେଖନୀ ମୁନରେ ଏହି ସ୍ୱତନ୍ତ୍ର ସଂସ୍କୃତି ଅତ୍ୟନ୍ତ ଜୀବନ୍ତ ଧର୍ମୀ ହୋଇପଡିଛି ।

ସେହି ସମସ୍ତ ଆଦିବାସୀ ଜନଜୀବନ ଭିତ୍ତିକ ଉପନ୍ୟାସ ଏହି ପରିପ୍ରେକ୍ଷୀରେ ଆଲୋଚନାର ବିଷୟବସ୍ତୁ । କେତେକ ଉପନ୍ୟାସର ତାଲିକା ନିମ୍ନରେ ପ୍ରଦତ୍ତ ହୋଇଛି । (୪)

| ଲେଖକ | ଉପନ୍ୟାସ | ପ୍ରକାଶନ କାଳ | ଲେଖକ | ଉପନ୍ୟାସ | ପ୍ରକାଶନ କାଳ |
|---|---|---|---|---|---|
| ଗୋପାଳ ବଲ୍ଲଭ ଦାସ | ଭୀମଭୁୟାଁ | ୧୯୦୮ | କାହ୍ନୁଚରଣ ମହାନ୍ତି | ବନ ଗହନ ତଳେ | ୧୯୪୫ |
| ଗୋପୀନାଥ ମହାନ୍ତି | ଦାଦିବୁଢା | ୧୯୪୪ | | କା୍ଡା କାଲେଲି | ୧୯୫୯ |
| | ପରଜା | ୧୯୪୬ | ଶଶୀଭୂଷଣ ମହାପାତ୍ର | କ୍ରାନ୍ତିର ଅବବାହିକା | ୧୯୮୦ |
| | ଅମୃତସନ୍ତାନ | ୧୯୪୯ | ନାରାୟଣ ମହାପାତ୍ର | ସବୁଜ ଉପତ୍ୟକାର କାହାଣୀ | ୧୯୮୦ |
| | ଶିବଭାଇ | ୧୯୫୫ | ଗୋବିନ୍ଦ ଚନ୍ଦ୍ର ଦାସ | ଲାସୁ | ୧୯୮୫ |
| | ଅପହ | ୧୯୬୬ | ହୃଷିକେଶ ପଣ୍ଡା | ସୁନାପୁଟର ଲୋକ | ୧୯୯୧ |
| | | | ପ୍ରତିଭା ରାୟ | ଆଦିଭୂମି | ୧୯୯୩ |

**ଉଦ୍ଦେଶ୍ୟ :**

ଓଡିଆ ଜନଜାତି ଭିତ୍ତିକ ଉପନ୍ୟାସଗୁଡିକରେ କିପରି ଜନଜାତିଙ୍କର ସମାଜ, ସଂସ୍କୃତି, ଐତିହ୍ୟ, ଧର୍ମଦର୍ଶନ, ପରମ୍ପରା, ପ୍ରେମପ୍ରଣୟ, ବିବାହ, ବିଶ୍ୱାସ, ଅନ୍ଧବିଶ୍ୱାସ, ପାରିବାରିକ, ସାମାଜିକ, ଅର୍ଥନୈତିକ ଶୋଷଣ ଓ ଅତ୍ୟାଚାରର

ଚିତ୍ର ଗୁଡିକ ଅତ୍ୟନ୍ତ ବାସ୍ତବ, ମାର୍ମିକ ଭାବେ ଆଲୋଚିତ ହୋଇଛି ତାହା ସମସ୍ତଙ୍କୁ ଜଣାଇବା ପ୍ରୟାସ ।

ଓଡିଆ ଉପନ୍ୟାସରେ ଜନଜାତି ଜୀବନର ସରଳ, ସାବଲୀଳ, ସମ୍ବେଦନଶୀଳ, ସଂସ୍କୃତିସମ୍ପନ୍ନ, ପ୍ରତିଛବିକୁ ପାଠକମାନଙ୍କୁ ଅବଗତ କରାଇବାର ପ୍ରଚେଷ୍ଟା ଯାହା ଅନ୍ୟାନ୍ୟ ଭାରତୀୟ ଭାଷା ଉପନ୍ୟାସରେ ବିରଳ ।

**ସାହିତ୍ୟିକ ସମୀକ୍ଷା :**

ପରଜା ଉପନ୍ୟାସ: ଗୋପୀନାଥ ମହାନ୍ତି, ବିଦ୍ୟାପୁରୀ, କଟକ

ପରଜା ଉପନ୍ୟାସର ବର୍ଣ୍ଣନା ଓ ଶବ୍ଦବିନ୍ୟାସ ଉପନ୍ୟାସକୁ କାଳଜୟୀ କରିଛି । ପରଜା ଜନଜାତିର ଶୁକ୍ରୁ ଜାନି (ଉପନ୍ୟାସର ମୁଖ୍ୟ ଚରିତ୍ର) ପରି ନିରୀହ ଜନଜାତିଙ୍କ ଉପରେ ସାହୁକାର ଓ ସରକାରୀ କର୍ମଚାରୀଙ୍କ ଶୋଷଣ ଓ ତାର ସରଳ ନିଷ୍କପଟ ଆତ୍ମବିଶ୍ୱାସ ପୂର୍ଣ୍ଣ ବ୍ୟକ୍ତିତ୍ୱ ଲେଖକଙ୍କର ଦୃଷ୍ଟିଭଙ୍ଗୀକୁ ଚହଲେଇ ଦେଇଥିଲା । ପ୍ରକୃତରେ କୋରାପୁଟର ଆଦିବାସୀଙ୍କ ଜୀବନରେ ଘଟୁଥିବା ନିତ୍ୟ ନୈମିତ୍ତିକ ଘଟଣା ଏବଂ ସେମାନଙ୍କ ସାଂସ୍କୃତିକ ଜୀବନଗାଥାକୁ ଲେଖକ ପରଜା ଉପନ୍ୟାସରେ ରୂପ ଦେଇଛନ୍ତି । ପରଜା ଉପନ୍ୟାସ ପରଜା ଜନଜାତି ସଂସ୍କୃତିର ଏକ ବାସ୍ତବ ଆଲେଖ୍ୟ ।

ବନବାସୀ ଗବେଷଣା ଓ ଗବେଷକ : ଗୋବର୍ଦ୍ଧନ ପଣ୍ଡା

ଲେଖକ ଜନଜାତି ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ସେମାନଙ୍କ ସହିତ ଚଳି ଯାହା ସେ ଆଖିରେ ଦେଖିଛନ୍ତି ଅଙ୍ଗେ ନିଭେଇଛନ୍ତି ତାର ବାସ୍ତବ ରୂପ ବହିରେ ରୂପ ନେଇଛି ବିଶେଷ କରି ଆଦିମ ଜନଜାତି ବଣ୍ଡା, ପରଜା, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା ଜନଜାତିଙ୍କର କଳା ସଂସ୍କୃତି, ଖାଦ୍ୟପେୟ, ନୃତ୍ୟଗୀତ, ବିଶ୍ୱାସ ଆନ୍ଧବିଶ୍ୱାସ, ଧାର୍ମିକ ବିଚାରଧାରାର ବାସ୍ତବ ରୂପାୟନ ହୋଇଛି ।

**ଓଡିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି :** ସଂକଳନ ପ୍ରକାଶକ ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

ଜନଜାତି ସଂସ୍କୃତି ସବୁ ସମୟରେ ପ୍ରାଚୀନ ସାହିତ୍ୟରୁ ଆରମ୍ଭ କରି ଆଧୁନିକ ସାହିତ୍ୟକୁ ପ୍ରବାହିତ କରିଛି । ଉପନ୍ୟାସ 'ଭୀମା ଭୁୟାଁଠୁ ଆରମ୍ଭ କରି ଆଦିଭୂମି' ପର୍ଯ୍ୟନ୍ତ ସମସ୍ତ ଉପନ୍ୟାସ ଏକ ଏକ ଜନଜାତି ସଂସ୍କୃତି ଏବଂ ତାର ଜୀବନଚର୍ଯ୍ୟାକୁ ରୂପ ଦେଇଛି । ଶିକାର ଗଳ୍ପଠାରୁ ଆରମ୍ଭ କରି ଭଙ୍ଗବାର ଦେଶ ଗଳ୍ପରେ ଜନଜାତି ଜୀବନର ସଂଘର୍ଷ ଓ ଶୋଷଣର କଥା ଆଲୋଚିତ ।

**ଓଡିଶାର ଆଦିବାସୀ : ରବୀନ୍ଦ୍ର ମୋହନ ସେନାପତି, ବିଦ୍ୟାଭାରତୀ, କଟକ**

ଓଡିଶାର ୬୨ ଜନଜାତି ଏବଂ ସେମାନଙ୍କ ମଧ୍ୟରୁ ୧୩ ପ୍ରକାର ଆଦିମ ଜନଜାତିଙ୍କର ସାମଗ୍ରିକ ଜୀବନ ଚର୍ଯ୍ୟା ଓ ସେମାନଙ୍କ ସଂସ୍କୃତିର ଅତୀତ, ବର୍ତ୍ତମାନ, ଭବିଷ୍ୟତ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି ।

**ଦକ୍ଷିଣାଞ୍ଚଳୀୟ ଓଡିଶା ଜନଜାତି ସଂସ୍କୃତି ଓ ସାହିତ୍ୟ : ଦେବାଶିଷ ପାତ୍ର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର**

ଓଡିଶାର ଦକ୍ଷିଣ ଅଞ୍ଚଳର ଜନଜାତି ଜୀବନକୁ ନେଇ ରଚିତ ଓଡିଆ ସାହିତ୍ୟର ବିଭିନ୍ନ ଜନଜାତି ଉପନ୍ୟାସ ଗୁଡିକର ସ୍ୱତନ୍ତ୍ର ଜନଜାତି ଗବେଷଣାତ୍ମକ ଆଲୋଚନା ଅତ୍ୟନ୍ତ ଅର୍ନ୍ତଦୃଷ୍ଟି ସମ୍ପର୍ଣ୍ଣ, ତତ୍ ସହିତ ବିଭିନ୍ନ ଜନଜାତିଭିତ୍ତିକ ଗଳ୍ପ ଓ ଲୋକସଂସ୍କୃତି ବଳିଷ୍ଠ ଆଲୋଚନା ନୂତନ ଗବେଷକ ମାନଙ୍କୁ ତଥ୍ୟ ଯୋଗାଇବାରେ ସାହାଯ୍ୟ କରେ ।

## ଆଲୋଚନା:

ଉପନ୍ୟାସ, ସାହିତ୍ୟ ଜଗତର ସବୁଠାରୁ ଅଧିକ ପ୍ରଭାବଶାଳୀ ସୃଷ୍ଟି ଏବଂ ଏକ ବଳିଷ୍ଠ ଅଙ୍ଗ ଅଟେ । ଉପନ୍ୟାସର ଚରିତ୍ର ଗୁଡିକ ସମାଜର ସଂସ୍କାର ଅଭିମୁଖୀ କ୍ଷେତ୍ରରେ ଏହା ଏକ ବଳିଷ୍ଠ ତଥା ପ୍ରଭାବଶାଳୀ ମାଧ୍ୟମ ରୂପେ ପ୍ରମାଣିତ ହୋଇଛନ୍ତି ।

ଗୋଟିଏ ଗୋଟିଏ ଶକ୍ତିଶାଳୀ ଉପନ୍ୟାସ ଦେଶ ଓ ସମାଜର ଆଭିମୁଖ୍ୟ ବଦଳାଇବାରେ ସାହାଯ୍ୟ କରିଥାଏ । ଜୀବନ ସହିତ ଉପନ୍ୟାସର ସମ୍ପର୍କ ଅତ୍ୟନ୍ତ ନିବିଡ । ଉପନ୍ୟାସରେ ଜୀବନର ଚିତ୍ର ଅତ୍ୟନ୍ତ ବିସ୍ତୃତ ଭାବେ ରୂପାୟିତ ହୋଇଥାଏ । ଏଣୁ ଓଡିଆ ସାହିତ୍ୟରେ ଜନଜାତିଭିତିକ ଉପନ୍ୟାସ ଗୁଡିକରେ ଜନଜାତି ଜୀବନର ନିଛକ ପ୍ରତିଛବି ପ୍ରତିଫଳିତ ହୋଇଛି ଯାହା ଅନ୍ୟାନ୍ୟ ଭାରତୀୟ ଭାଷାରେ ରଚିତ ଉପନ୍ୟାସରେ ଦେଖିବାକୁ ମିଳେନାହିଁ । ଓଡିଆ ଉପନ୍ୟାସ ସାହିତ୍ୟରେ ଜନଜାତି ଜୀବନର ଚିତ୍ର ଅତ୍ୟନ୍ତ ଜୀବନ୍ତ ମାର୍ମିକ ଓ ସମ୍ବେଦନଶୀଳ ।

ଏହି କାରଣରୁ ଗୋପାଳବଲ୍ଲଭ ଦାସଙ୍କ ରଚିତ "ଭୀମାଭୂୟାଁ" ଉପନ୍ୟାସ ଓଡିଆ ସାହିତ୍ୟର ଏକ ଯୁଗାନ୍ତକାରୀ ପ୍ରଚେଷ୍ଟା । ଉପନ୍ୟାସର ବିଷୟକ୍ରମରେ କେନ୍ଦୁଝରର ରାଜା ନାବାଳକ ଥିବାରୁ ଗୋପାଳବଲ୍ଲଭ ଦାସ ରାଜାଙ୍କର ସୁପରିଟେଣ୍ଡେ ଭାବରେ କାର୍ଯ୍ୟରତ ଥିବା ସମୟରେ ଭୂୟାଁ ଜନଜାତିର ନିକଟ ସମ୍ପର୍କରେ ଆସି ସେ ଜନଜାତିର ସାମାଜିକ ସାଂସ୍କୃତିକ ଜୀବନ ଚିତ୍ରକୁ ଅତି ନିକଟରୁ ଦେଖି ତାର ବାସ୍ତବ ଚିତ୍ରକୁ ଉପନ୍ୟାସରେ ରୂପ ଦେଇଛନ୍ତି । ଏହି ପୁସ୍ତକଟି ଆକାରରେ ଛୋଟ ହେଲେ ମଧ୍ୟ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ଆଦିବାସୀ ଜନଜୀବନର ଚିତ୍ର ପ୍ରଦାନ କରୁଥିବା ପ୍ରଥମ ଉପନ୍ୟାସ ଭାବେ ମାନ୍ୟତା ଦାବିକରେ । ଉପନ୍ୟାସଟିରେ ମୁଖ୍ୟତଃ ସାଧୁ ସର୍ଦ୍ଦାର ପରିବାରର ଘଟଣାବଳୀ ଚିତ୍ରିତ ହେବା ସହିତ ଭୂୟାଁ ସମାଜର ବାସ୍ତବ ଜୀବନ ଆଲେଖ୍ୟ ଚିତ୍ରିତ ହୋଇଛି । ପର୍ବ ପର୍ବାଣି ପାଳନ କରିବା ନୃତ୍ୟ ଗୀତରେ ମଜ୍ଜି ନିଜର ଜୀବନକୁ ଆନନ୍ଦ ମୁଖର କରିବା ଜନଜାତି ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏଣୁ ଭୀମା ଭୂୟାଁ ଉପନ୍ୟାସର ବର୍ଣ୍ଣନା ଉପସ୍ଥାପନ ଭୂୟାଁ ମାନଙ୍କର "ମାଘ ପୋଢ" ପର୍ବରୁ ଆରମ୍ଭ ହୋଇଛି । ପ୍ରକୃତି କୋଳରେ ଲାଳିତ ପାଳିତ ଭୂୟାଁ ମାନେ "ମାଘ ପୋଢ" ପର୍ବରେ ମଜ୍ଜି ଯାଇଛନ୍ତି, ଏଥିରେ ଲେଖକ ଆଦିବାସୀ ସର୍ଦ୍ଦାର ବା ରାଜନେତା (ଆଧୁନିକ ସମାଜର ମନ୍ତ୍ରୀ) କେତେ ଉଦାର, ସ୍ୱାର୍ଥ ତ୍ୟାଗୀ ନିଜର ଅନୁଗାମୀଙ୍କ ପ୍ରତି କେତେ ଅନୁରକ୍ତ ତାର ବର୍ଣ୍ଣନା କରିଛନ୍ତି । ଆଜିକାଲି ମନ୍ତ୍ରୀମାନଙ୍କ ଦ୍ୱାରକୁ ଯିବା ପାଇଁ ଅନୁମତି ପତ୍ର ଦରକାର ହୋଇଛି । କିନ୍ତୁ ସାଧୁ ସର୍ଦ୍ଦାରଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଲେଖକଙ୍କ ଭାଷାରେ-"ଶତ୍ରୁ ମିତ୍ର ଉଭୟଙ୍କ ପାଇଁ ଭୂୟାଁ ପଲ୍ଲୀର ସରଦାର ବିରାଦରଙ୍କ କୁଟୀର ଅବାରିତ ଦ୍ୱାର । ନିମନ୍ତ୍ରିତ ହେଉ ବା ନହେଉ ସବୁରି ସନ୍ମମାନ ବଡ ସାନ ଘେନି ପାତରଅନ୍ତର ନାହିଁ" ଜନଜାତି ଜୀବନର ଅତିଥି ସତ୍କାର ବା "ଅତିଥି ଦେବ ଭବୋ" ଭାବନାର ପରିପାଳନ ଏକ ମହାର୍ଘ ଦିଗ । ତାର ସରଳ ପ୍ରାଣ ଅତିଥିକୁ ଭଗବାନ ସଦୃଶ ଜ୍ଞାନ କରେ । ଏହିପରି ଅନେକ ଘଟଣାର ଅବତାରଣା କରି ଲେଖକ ଭୂୟାଁ ଜନଜାତିର ଚିତ୍ର ପ୍ରଦାନ କରିଛନ୍ତି । ଭିମା ଚରିତ୍ର ମାଧମରେ ଲେଖକ ଜନଜାତି ଯୁବକର ବଳିଷ୍ଠ ବ୍ୟକ୍ତିତ୍ୱ, ତ୍ୟାଗପୁତ ଜୀବନ ଓ କର୍ମ ପ୍ରତି ସମର୍ପଣ ଭାବକୁ ଦର୍ଶାଇଛନ୍ତି ।

ଭିମାଭୂୟାଁ ଉପନ୍ୟାସଟି ଆକାରରେ ଛୋଟ ହେଲେ ମଧ କେନ୍ଦୁଝରର ଭୁୟାଁ ଜାତିର ସମାଜ ଓ ଚଳଣିକୁ ଉପଜିବ୍ୟ କରି ରଚନା କରାଯାଇଥିବା ଦୃଷ୍ଟିରୁ ଓଡିଆ ଉପନ୍ୟାସ କ୍ଷେତ୍ରରେ ଏହା ଏକ ଉଲ୍ଲେଖ୍ୟ ଯୋଗ୍ୟ ଉଦ୍ୟମ । ଆଦିବାସୀ

ଜୀବନର ପ୍ରଥମ ଚିତ୍ର ରୁପେ ଏହା ଓଡିଆ ସାହିତ୍ୟ କ୍ଷେତ୍ରରେ ଏକ ବିଶିଷ୍ଟ ସ୍ଥାନ ଦାବୀ କରେ । ଦ୍ୱିତୀୟତଃ: ଜ୍ଞାନପୀଠ ପୁରସ୍କାର ବିଜେତା ଔପନାସିକ **ଗୋପିନାଥ ମହାନ୍ତିଙ୍କ** ଜନଜାତି ଉପନ୍ୟାସ ଗୁଡିକ ଓଡିଆ ସାହିତ୍ୟ କ୍ଷେତ୍ରରେ ଏକ ଏକ ମାଇଲଖୁଣ୍ଟ । ତାଙ୍କ ପରି ଜୀବନଧର୍ମୀ ଔପନାସିକ ବିରଳ । ତାଙ୍କ ଉପନ୍ୟାସ ଗୁଡିକର ବର୍ଣ୍ଣନା ଏତେ ବାସ୍ତବ ଯେ ପଢିଲେ ମନେ ହବ ସତେ ଅବା ପାହାଡି ଜନଜାତି ଜୀବନର ଚଳଚ୍ଚିତ୍ର ଟିଏ ପ୍ରଦର୍ଶିତ ହେଇଛି ।

ଗୋପୀନାଥ ମହାନ୍ତିଙ୍କ ଭାଇ ଔପନାସିକ କାହ୍ନୁଚରଣ ମହାନ୍ତିଙ୍କ ଭାଷାରେ, "ଢେଉ ଢେଉକା ପବର୍ତାମଳା, ଘଞ୍ଚ ଅରଣ୍ୟ ଆଚ୍ଛାଦିତ ନଦୀନାଳ ଝୋଲା ପରିପୂର୍ଣ୍ଣ କୋରାପୁଟ ଜିଲ୍ଲାର ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରୁଥିବା ବିଭିନ୍ନ ଗୋଷ୍ଠିର ଆଦିବାସୀଙ୍କର ଗ୍ରାମ, ସମାଜ, ଧର୍ମବିଶ୍ୱାସ, ନିଃସହାୟତା ସୁଖ ଦୁଃଖ ଇତ୍ୟାଦିର ଜୀବନ ଚିତ୍ର ଗୋପିନାଥର ଦାଦିବୁଢା, ପରଜା, ଅମୃତର ସନ୍ତାନ, ଶିବଭାଇ, ଅପହଞ୍ଚ ଉପନ୍ୟାସର ପ୍ରତିଫଳିତ ।"

ଗୋପିନାଥ ମହାନ୍ତିଙ୍କ ଜନଜାତି ଭିତିକ ବର୍ଣ୍ଣନା ଅତ୍ୟନ୍ତ ଅପୂର୍ବ ବିସ୍ମୟକର ଓ ବାସ୍ତବଧର୍ମୀ ଅଟେ । କାରଣ ବାସ୍ତବ ଜୀବନରେ ଔପନ୍ୟାସିକ ଆଦିବାସୀ ସମାଜ ଜୀବନ ସହିତ ଅନ୍ତରଙ୍ଗ ଭାବେ ଜଡିତ ହେବାର ଅନୁଭୂତି ଲାଭ କରିଥିଲେ । ଆନ୍ତରିକତାର ସହିତ ସେମାନଙ୍କ ଜୀବନ ସହିତ ନିଜକୁ ସାମିଲ କରିଥିଲେ ମଧ୍ୟ । ଗୋପୀନାଥ ମହାନ୍ତି ନିଜେ କହିଛନ୍ତି "ସେମାନେ ପ୍ରକୃତିର ସନ୍ତାନ, ଶିଶୁପରି ସରଳ ନିଷ୍କପଟ ପ୍ରକୃତିର ସମସ୍ତ ଐଶ୍ୱର୍ଯ୍ୟ ସମ୍ପଦରୁ ସେମାନେ ବଞ୍ଚିତ ସମାଜରେ ଅବହେଳିତ ନର୍ଯାତିତ । ଋକିରି କାଳରୁ ଅର୍ଥାତ ପ୍ରାୟ ୧୯୩୯ ମସିହାରୁ ଜନଜାତିଙ୍କ ସହିତ ମୋର ସମ୍ପର୍କ ମୁଁ ସେମାନଙ୍କ ସହିତ ମିଶିଛି ଏକା ସାଙ୍ଗରେ ବସି ମାଣ୍ଡିଆ ଜାଉ, ଆମ୍ବ ଟାକୁଆ ଜାଉ ଖାଇଛି, ଚଟେଇ ପାରି ଏକାଠି ବସି ସୁଖଦୁଃଖ ହୋଇଛି ସେମାନେ ମଦ ପିଅନ୍ତି ମୁଁ ପିଇ ପାରେନି ମୋର ଘୃଣା ହୋଇନି ବରଂ ମୋର ଭଲ ପାଇବା ବଢିଛି ପ୍ରତିଦାନରେ ପାଇଚି ମଧ୍ୟ ପ୍ରଚୁର । ଏହି ଭଲ ପାଇବାର ଆଦାନ ପ୍ରଦାନ ମାଧ୍ୟମରେ ଓଡିଆ ସାହିତ୍ୟ ପାଇଛି ସାହିତ୍ୟର ବ୍ୟାପକ କ୍ଷେତ୍ର । ଯେଉଁଠି ଜନଜାତି ଜୀବନର ଧର୍ମ ବିଶ୍ୱାସ, ରୀତି-ନୀତି, ଆଚାର-ବିଚାର, ପ୍ରେମ-ପ୍ରତାରଣା, ମିତ୍ରତା-ଶତ୍ରୁତା ଦ୍ୱେଷ- ଅନୁରାଗ, ବିଶ୍ୱାସ- ଅବିଶ୍ୱାସ, ସଭ୍ୟ ମୁଖଧାରୀ ମଣିଷମାନଙ୍କ ଦ୍ୱାରା ପ୍ରତାରିତ ଓ ତତଜନିତ ପ୍ରତିବାଦ ଓ ଅବସାଦ ରୂପକ ଫସଲ ଅମଳ ହେଇଛି । ଏହି ଫସଲ ଭତିରୁ ଦାବିବୁଢା ଉପନ୍ୟାସ ଅନ୍ୟତମ ଏହି ଉପନ୍ୟାସଟି ଭୁଲୁ ପରଜା ଗୋଷ୍ଠୀର ଈଶ୍ୱର ବିଶ୍ୱାସ ଓ ଆଧାତ୍ମିକ ଭାବନାରେ ପ୍ରତୀକ । 'ଦାଦିବୁଢା' ଉପନ୍ୟାସରେ ଲେଖକ ଜନଜାତି ଜୀବନର ଆଧାତ୍ମିକ ଚେତନାକୁ ପ୍ରକାଶ କରିଛନ୍ତି । ସେ ସମ୍ପର୍କରେ କହିବାକୁ ଯାଇ ଲେଖକ କହିଛନ୍ତି – "ମୁଁ ଦାଦିବୁଢା ତୁମ ସମସ୍ତଙ୍କୁ ସର୍ଜନା କରିଛି ଦାଦିବୁଢାର ପ୍ରଭାବରେ ସବୁକିଛି ଦାଦିବୁଢାମୟ ହୋଇ ଯାଇଛି" ଏହି ଭାବନାରୁ ଆମେ ଆଦିବାସୀ ଜନଜାତିର ସାର୍ବଭୌମ୍ୟ, ବିଶ୍ୱଜନୀନ "ଆଧାତ୍ମିକ ଚେତନାକୁ ଅନୁଭବ କରିଥାଉ, ଯାହାକି ଉପନିଷଦୀୟ ତତ୍ତ୍ୱକୁ ଅନୁସରଣ କରିଥାଏ ଏବଂ ଇଶ୍ୱର ଅତ୍ରତତ୍ର ସର୍ବତ୍ର ବିଦ୍ୟମାନ ଏହି ସତ୍ୟକୁ ଅତି ସରଳ ଭାବେ ଆଦିବାସୀ ତା ଜୀବନରେ ଗ୍ରହଣ କରିଛି । ଆତ୍ମାର ଅବିନାଶତ୍ୱକୁ ସରଳ ଆଦିବାସୀ କାହିଁ କେଉଁ କାଳରୁ ଅନୁଭବ କରିଛି । ଯାହା ଲେଖକ ଭାଷାରେ "ଗାଁର ମୁଖିଆ ନାଇକରାମ ଲୋକଙ୍କୁ ବୁଝାଇଛି ମଣିଷର ମୃତ୍ୟୁ ହେଲେ ମଧ୍ୟ ଡୁମା ହୋଇ ପୁଣି ଜନ୍ମନିଏ" ଲେଖକ ଜନଜାତି ଜୀବନରେ ନାଇକ, ଦିଶାରୀ ଓ ଗୁରୁମାଈର ସମାଜରେ ପ୍ରାଧାନ୍ୟକୁ ବର୍ଣ୍ଣନା କରିଛନ୍ତି । ତତ୍ ସହିତ ଧାଙ୍ଗଡା-ଧାଙ୍ଗିଡିଙ୍କ ନିଜ ପସନ୍ଦ ବିବାହକୁ (ଅନ୍ୟ କୌଣସି କଥା କଥିତ ସଭ୍ୟ ସମାଜରେ ଦେଖାଯାଏନି) ତତ୍ ସହିତ ଜନଜାତି ସମାଜରେ ଅନ୍ଧବିଶ୍ୱାସ

କୁସଂସ୍କାର, ଗୁଣିଗାରେଡି, ସମାଜିକ ବାସନ୍ଦ, ବଳିଦେଇ ଇଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଆଦି ଚଳଣିରେ ଯଥେଷ୍ଟ ପ୍ରମାଣ ଦାଦିବୁଢା ଉପନ୍ୟାସରେ ଚିତ୍ରିତ ହୋଇଛି ।

ଗୋପୀନାଥ ମହାନ୍ତିଙ୍କ ଦ୍ୱିତୀୟ ଉପନ୍ୟାସ "ପରଜା" ଜନଜାତି ଜୀବନର ପାରିବାରିକ, ସାଂସ୍କୃତିକ, ସାମାଜିକ ଚିତ୍ରର ଏକ ବାସ୍ତବ ରୂପରେଖ । ଉପନ୍ୟାସର ପରିସର ଭିତରକୁ ପ୍ରବେଶ କଲାବେଳେ ପାଠକ ଅନୁଭବ କରେ ସତେ ଯେମିତି ସେ ଏକ ଜନଜାତି ଗ୍ରାମର ପରିବାର ଭିତରେ ଏକାନ୍ତ ମଣିଷଟିଏ ହୋଇଯାଇଛି । କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକର ଶରଶୁପଦର ଗାଁର ଶୁକ୍ରୁଜାନି ପରିବାରକୁ କେନ୍ଦ୍ରକରି ଉପନ୍ୟାସଟି ଲେଖା ହୋଇଥିଲେ ମଧ୍ୟ ସମଗ୍ର ଜନଜାତିର ଜୀବନ ଚିତ୍ର ଏଥିରେ ପ୍ରତିଫଳିତ । ଲେଖକ ଉପନ୍ୟାସଟିରେ ସେମାନଙ୍କର ପାରିବାରିକ, ସାମାଜିକ ସାଂସ୍କୃତିକ, ସରଳ ବିଶ୍ୱାସ, ପ୍ରେମ ପ୍ରଣୟ ଓ ଜମିବାଡି ପ୍ରତି ମୋହର ଏକ ଚିତ୍ର ପ୍ରକାଶିତ କରିଛନ୍ତି, ତତ୍ ସହିତ ଜନଜାତି କିପରି ସଭ୍ୟ ଜଗତଠାରୁ ଦୂରରେ ରହି ପ୍ରକୃତିର ଋତୁଚକ୍ରରେ ସମସ୍ତ ଆନନ୍ଦଉଲ୍ଲାସକୁ ପ୍ରାଣ ଦେଇ ସ୍ୱାଗତ କରେ ତାହାର ଚିତ୍ର ପ୍ରଦାନ କରିଛନ୍ତି । ଜନଜାତି ଜୀବନରେ ନୈରାଶ୍ୟ, ସଂଘର୍ଷ ଓ ପାରିବାରିକ ବିପର୍ଯ୍ୟୟ ଯେତେ ଉକ୍ଟ ହେଲେ ମଧ୍ୟ ତା'ର ସହଜାତ ପ୍ରକୃତି ନମ୍ରତା, ଆନନ୍ଦ ମୟତାକୁ ଔପନାସିକ ଉପସ୍ଥାପନ କରିଛନ୍ତି ।(୫)

"ଅମୃତର ସନ୍ତାନ" ଉପନ୍ୟାସଟି କନ୍ଧ ଜନଜାତିର ବିଚାର ବିଶ୍ୱାସ ଏବଂ ସେମାନଙ୍କର ସାଂସାରିକ ଚଳଣିକୁ ନେଇ ରଚିତ । (୬) ଏହା ୧୯୫୫ ରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଥମ ଓଡିଆ ପୁସ୍ତକ ଏଥିରେ ଲେଖକ ଜନଜାତି ଜୀବନର ପୁର୍ନଜନ୍ମରେ ବିଶ୍ୱାସ, ଦିଶାରୀ ବେଜୁଣୀର ପ୍ରାଧାନ୍ୟ, ଶିକାର, ଋଷ ଉପରେ ନିର୍ଭରଶୀଳତା ଓ ଜନଜାତିର ଜୀବନଧାରାକୁ ନିୟନ୍ତ୍ରଣ କରିବାରେ ସାଉଁଟା ମାନଙ୍କର ଭୂମିକାକୁ ଲେଖକ ଜନଜାତି ସମାଜରେ ନାରୀ ସ୍ୱାଧୀନତା, ପୁର୍ନଜନ୍ମ ଉପରେ ଗଭୀର ବିଶ୍ୱାସ ଏବଂ ସେମାନଙ୍କର ଘଟଣା ବହୁଳ ଜୀବନ ଉପନ୍ୟାସଟିକୁ ଗୌରବମୟ କରି ଗଢି ତୋଳିଛି । ସମସ୍ତ ବିପର୍ଯ୍ୟୟ ଭିତରେ ଆନନ୍ଦକୁ ସାଉଁଟିବା ସେମାନଙ୍କ ଜୀବନ ଚିତ୍ରର ଏକ ଅନନ୍ୟ ଦିଗ ତାହା ଅମୃତ ସନ୍ତାନ ଉପନ୍ୟାସରେ ପରିପ୍ରକାଶ ହେଇଛି । 'ଶିବଭାଇ' ଉପନ୍ୟାସରେ ଜନଜାତି ଜୀବନର ପରିବର୍ତ୍ତନର ଚିତ୍ର ପ୍ରଦାନ କରିବା ପାଇଁ ଲେଖକ ପ୍ରୟାସ କରିଛନ୍ତି । ଶିବଭାଇ ଚରିତ୍ର ମାଧ୍ୟମରେ ବିନୋବାଜୀଙ୍କ ସର୍ବୋଦୟ ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରିଛନ୍ତି । ଏଥିରେ ଲେଖକ ଜନଜାତିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଋହିଁଛନ୍ତି । ଆଧୁନିକ ଶିକ୍ଷା ପଦ୍ଧତି, ଶିକ୍ଷା ସହିତ ଜୀବନ ଧାରଣର ମାନବୃଦ୍ଧି ପାଇଁ ସଚେତନା ସୃଷ୍ଟି କରିବା ପାଇଁ ଲେଖକ ଉପନ୍ୟାସରେ ପ୍ରୟାସ କରିଛନ୍ତି ।

ମୋ ମତରେ ୧୯୫୫ ମସିହାରେ ଉପନ୍ୟାସ ମାଧ୍ୟମରେ ଗୋପୀନାଥ ମହାନ୍ତି ଯେଉଁ ପରିବର୍ତ୍ତନ ପାଇଁ ଚେଷ୍ଟା କରିଥିଲେ ତାହା ଏବେ ବି ଅଧୁରା ହୋଇ ରହିଛି ।

'ଅପହଞ୍ଚ' ଏହି ଉପନ୍ୟାସଟି ଜନଜାତି ଜୀବନରେ ପରିବର୍ତ୍ତିତ ଚିତ୍ରର ରୂପରେଖ । କୋରାପୁଟର ମେଲାବାଡି ଏକ କନ୍ଧ ଜନଜାତିର ଗାଁ, ଯେଉଁ ଗାଁରେ ଭୀମା କନ୍ଧ ତା'ର ପୁଅ ଟିମା କନ୍ଧକୁ ପାଠ ପଢେଇ ଜନଜାତିର ଉନ୍ନତି ଚିନ୍ତା କରିଛି, କିନ୍ତୁ ଟିମା କନ୍ଧ ତାହା କରିନାହିଁ, ପରନ୍ତୁ ନିଜ ଜନଜାତିକୁ ଶୋଷଣ କରିଛି । ଶେଷରେ ଟିମା ଭୁଲ ବୁଝିଛି, ଶ୍ରେଣୀ ହୀନ ସମାଜ ପାଇଁ ଚିନ୍ତା କରିଛି । ନବେ (୯୦) ପୃଷ୍ଠା ର ଏହି କ୍ଷୁଦ୍ର ଉପନ୍ୟାସ ଭିତରେ ଲେଖକ ସମାଜ ସଂସ୍କାରକ ରୂପେ

ଆତ୍ମପ୍ରକାଶ କରିଛନ୍ତି । ଏଥିରେ ଲେଖକ ଦର୍ଶାଇ ଦେବାକୁ ଚାହିଁଛନ୍ତି ଯେ ଜନଜାତି ଗୋଷ୍ଠୀର ଲୋକେ ଶିକ୍ଷିତ ହେଲାପରେ କିପରି ନିଜ ସମାଜ ସଂସ୍କୃତିକୁ ଭୁଲିଯାଆନ୍ତି ଯାହା ଆଜିବି ଦୃଶ୍ୟମାନ ।

ଆଦିବାସୀ ଭିତ୍ତିକ ଓଡିଆ ଉପନ୍ୟାସର କୂଳେ କୂଳେ ଚାଲିଲା ଭିତରେ ଆମେ ଭେଟୁ **କାହ୍ନୁଚରଣ ମହାନ୍ତି**ଙ୍କର 'ବନଗହନ ତଳେ' ଯେଉଁଥିରେ ଜନଜାତିର ପ୍ରେମପ୍ରଣୟର ନିଛକ ଛବି ଲେଖକ ଆଙ୍କିଛନ୍ତି । (୭) ଜନଜାତି ଜୀବନରେ ପ୍ରେମ ପ୍ରଣୟ ହିଁ ତାଙ୍କ ଜୀବନଧାରାର ମୁଖ୍ୟ ଉପାଦାନ, ଯେଉଁଠି ଧନୀ ଗରିବ ବଡ ସାନର ବିଚାର ନ ଥାଏ । କେବଳ ହୃଦୟ ମନର ଭାବନାକୁ ହିଁ ପ୍ରାଧାନ୍ୟ ଦିଆଯାଏ, ମନ ହୃଦୟ ଏକ ହୋଇଛି ମାନେ ସେମାନେ ସବୁ ବାଧାବିଘ୍ନକୁ ଅତିକ୍ରମ କରିଯାଆନ୍ତି, ଯେପରି କନ୍ଧ ଗାଁର ଝିଅ ସୁନା ଓ ପିତୃ-ମାତୃ ହୀନ ବାୟା ସେମାନଙ୍କ ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ଏକାଠି ହୋଇଛନ୍ତି । ଔପନ୍ୟାସିକଙ୍କ ଭାଷାରେ "ମନ ତାର ଉଡିବୁଲିଛି ବାୟା ସହିତ ତା'ପରଦିନ ମାଗ୍ତା ସନ୍ତାନକୁ ଲତା କୋଳରେ ଦେଇ ସେ ବାୟାର ହାତଧରି ପଳାଇ ଯିବାକୁ କହିଛି ଦୂର ନିୟମଗିରି ପାହାଡକୁ ଯେଉଁଠି ଝୋଲା ଟଙ୍କାର ବାଧା ନାହିଁ କୌଣସି ବନ୍ଧନ ନାହିଁ ।" ଏଇ ଉପନ୍ୟାସରେ ଔପନାସିକ ଜନଜୀବନର ଚିତ୍ର ଉପସ୍ଥାପିତ କରିବାକୁଯାଇ ବୁଝାଇଛନ୍ତି ଯେ ପୁରୁଷ ସ୍ତ୍ରୀର ସମ୍ପର୍କକୁ ନେଇ ଏହି ଜନଜାତିର ଚିନ୍ତାଧାରା କେତେ ଉଦାର ଏବଂ ବ୍ୟାପକ । ନାରୀ ସ୍ୱାମୀ ପରିତ୍ୟକ୍ତା ହେଲେ କିମ୍ବା ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିଲେ ସେ ତାର ପ୍ରଥମ ସ୍ୱାମୀର ସନ୍ତାନକୁ ସାଥିରେ ନେଇ ନୂଆ ଜୀବନ ଆରମ୍ଭ କରେ, ସେମାନେ ଅବୈଧ ପ୍ରେମରେ ବିଶ୍ୱାସ ନ କରି ସେମାନେ ପରମ୍ପରା ସ୍ୱୀକୃତ୍ ପ୍ରଣୟରେ ବିଶ୍ୱାସ କରନ୍ତି । (୯)

ଔପନ୍ୟାସିକ କାହ୍ନୁଚରଣଙ୍କ 'କାତ୍ରାକାଲେଲି' ଉପନ୍ୟାସରେ ଜନଜାତିର ଲୋକମାନେ କିପରି ଅଜ୍ଞତା ଉଦାସୀନତା ପାଇଁ ସବୁବେଳେ ଶୋଷଣକାରୀଙ୍କ ଦ୍ୱାରା ଶୋଷିତ ହୋଇଥାନ୍ତି ତା'ର ଚିତ୍ର ଦେବା ସହିତ ଧର୍ମ ବିଶ୍ୱାସ ପରମ୍ପରା ପ୍ରତି ଗଭୀର ବିଶ୍ୱାସକୁ ଉପସ୍ଥାପନା କରିଛନ୍ତି । ଉପନ୍ୟାସର ନାୟକ ଯୁବକ ବିର୍ଶାର ଡୁମା ପ୍ରତି ଥିବା ଗଭୀର ବିଶ୍ୱାସ ଆତ୍ମୀୟତା ମାଧ୍ୟମରେ ଲେଖକ ଜନଜାତି ଜୀବନରେ ଡୁମାର ପ୍ରାଧାନ୍ୟତା ଓ ପୁନଜନ୍ମ ପ୍ରତି ଆସ୍ଥାର ଏକ ମାର୍ମିକ ଆଲେଖ୍ୟ ପ୍ରଦାନ କରିଛନ୍ତି । (୧୦)

ଔପନ୍ୟାସିକ **ଶଶୀଭୂଷଣ ମହାପାତ୍ର**ଙ୍କ 'କ୍ରାନ୍ତିର ଅବବାହିକା' ଉପନ୍ୟାସରେ ଔପନାସିକ ଜନଜାତି ଜୀବନରେ କଳଙ୍କିତ ଗୋତିପ୍ରଥା ଏବଂ ସରକାରଙ୍କ ଉଦାସୀନତା, କନ୍ୟାସୁନା ପାଇଁ ଋଣ, ସାହୁକାରଙ୍କ ଅତ୍ୟାଚାର ସମ୍ପର୍କରେ ଆଲୋଚନା କରିବା ସହିତ ଜନଜାତୀମାନେ କିପରି ପ୍ରଗତିବାଦୀ ଆନ୍ଦୋଳନରେ ଭାଗ ନେଇ ଶୋଷକଙ୍କ ମାନକ ବିରୁଦ୍ଧରେ ସ୍ୱର ଉଠେଇବ ତା'ର ସ୍ୱପ୍ନ ଦେଖିଛନ୍ତି ।

ଔପନ୍ୟାସିକ **ନାରାୟଣ ମହାପାତ୍ର**ଙ୍କ ଉପନ୍ୟାସ 'କାହାଣୀ ସବୁଜ ଉପତ୍ୟକା' ଉପନ୍ୟାସରେ ଲେଖକ ଦେଖେଇଛନ୍ତି ଗୋତିପ୍ରଥା ଦ୍ୱାରା କିପରି ଜନଜାତିମାନେ ସର୍ବସ୍ୱାନ୍ତ ହୋଇଯାଆନ୍ତି । ସେମାନଙ୍କ ସୁନାର ସଂସାର ଉଜୁଡିଯାଏ । ଏହି ଉପନ୍ୟାସରେ ଲେଖକ ଅବକ୍ଷୟର ଚିତ୍ର ଦେବା ସହ ପରିବର୍ତ୍ତନର ଚିତ୍ର ମଧ୍ୟ ଦେଇଛନ୍ତି । ଯଥା ଗୋତିପ୍ରଥାରୁ ମୁକ୍ତି ପାଇବା ପାଇଁ ଆନ୍ଦୋଳନ କରିବା, ପ୍ରଶାସନର ସାହାଯ୍ୟ ଲୋଡିବା, ଗୁଣିଗାରେଡି ଉପରେ ବିଶ୍ୱାସ ନ

ରଖି ଡାକ୍ତରଖାନାକୁ ଯିବା, ବିଭିନ୍ନ ସରକାରୀ ଯୋଜନାକୁ ଆପେଣେଇ ନେବାର ସଦିଚ୍ଛା, ଏହି ସବୁ ପରିବର୍ତ୍ତନ ସ୍ୱରକୁ ଔପନ୍ୟାନିକ ଉପନ୍ୟାସରେ ଚରିତ୍ର ମାଧ୍ୟମରେ ଉଚ୍ଚାରିତ କରିଛନ୍ତି ।

ଔପନାସିକ ଗୋବିନ୍ଦ ଦାସଙ୍କ "ଲାସୁ" ଉପନ୍ୟାସ କୁଟିଆ କନ୍ଧ ଜୀବନର ଦୁଃଖ ଅତ୍ୟାଚାର ବିରୁଦ୍ଧରେ ନ୍ୟାୟକ ଲାସୁର ବିଦ୍ରୋହକୁ ବର୍ଣ୍ଣନା କରିଛନ୍ତି । ଏଥିରେ ଜନଜାତି ସଂସ୍କୃତି ଓ ଧାର୍ମିକ ବିଶ୍ୱାସର ଚିତ୍ର ପ୍ରଦାନ କରିବା ସହିତ ଲେଖକ ଦର୍ଶାଇବାକୁ ଚାହୁଁଛନ୍ତି ଜାନି, ଦିଶାରୀ ଏବଂ ଦେବତା ହିଁ ଆଦିବାସୀର ଭାଗ୍ୟ ନିଅନ୍ତା । ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଶିଶୁ କନ୍ୟାଙ୍କୁ ଦେବୀଙ୍କୁ ଅର୍ପଣ କରିବା, ଅଲଗା ଜାତିରେ ବିବାହ କଲେ ସମାଜରୁ ବାସନ୍ଦ ହେବା, ଏମିତି ଅନେକ ସମସ୍ୟା ଓ ତତ୍ ସହିତ ଲେଖକ ସେମାନଙ୍କର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାର ଚିତ୍ର ପ୍ରଦାନ କରିଛନ୍ତି ଯଦି ସର୍ଦ୍ଦାର (ନେତା) ନିୟମ ଭାଙ୍ଗେ ତେବେ ତାକୁ ଦଣ୍ଡିତ କରାଯାଏ । ସର୍ଦ୍ଦାର କନ୍ୟା ଲଛୁ ଯେତେବେଳେ ଅନ୍ୟ ଜାତିର ପୁଅ ଲକ୍ଷଣସିଂହଙ୍କୁ ବିବାହ କରିଛି, ସେ ସର୍ଦ୍ଦାର ଝିଅ ହେଲେ ବି ତାକୁ ସମାଜିକ ବାସନ୍ଦ କରାଯାଇଛି । ଏଥିରେ ଲେଖକ ଜନଜାତି ଗୋଷ୍ଠୀର ଉଚ୍ଚ ମାନସିକତା, ସ୍ୱାର୍ଗତ୍ୟାଗ ସ୍ୱାଭିମାନ ସଂପର୍କରେ ଆଲୋକପାତ କରିଛନ୍ତି ।(୧୧)

'ସୁନାପୁଟର ଲୋକ' ଉପନ୍ୟାସରେ ଔପନ୍ୟାସିକ ହୃଷିକେଶ ପଣ୍ଡା ଜନଜାତି ଗୋଷ୍ଠୀ ସଂପ୍ରତି ସାମ୍ନା କରୁଥିବା ସମସ୍ୟା ସପର୍କରେ ବର୍ଣ୍ଣନା କରିଛନ୍ତି ବିଶେଷ କରି ଚିତ୍ରକୋଣ୍ଡା ଜଳଭଣ୍ଡାର ଓ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ ଫଳରେ ବିସ୍ଥାପିତ ହେଉଥିବା ଜନଜାତିଙ୍କର ବ୍ୟସ୍ତ କାହାଣୀକୁ ଲେଖକ ପ୍ରକାଶିତ କରିଛିନ୍ତି ।

ଏହା ସହିତ ଜନଜାତି ସମସ୍ତ ଦୁର୍ଘଟଣା ଦୁର୍ବିପାକ ଭିତରେ ମଧ୍ୟ ତାର ସହାଯାତ୍ ପ୍ରବୃତ୍ତି ଆନନ୍ଦ ରହିବାରୁ ବିରତ ହୋଇପାରେନାହିଁ ତାହା ମଧ୍ୟ ଚିତ୍ରିତ ହୋଇଛି । ପ୍ରକାଶ କରିଛନ୍ତି । ଲେଖକ କହିବାକୁ ଚାହିଁଛନ୍ତି ଗୋତି, ଦାଦାନ, ବିସ୍ଥାପନ ସେମାନଙ୍କ ଜୀବନର ଅଙ୍ଗ ସେମାନଙ୍କ ପ୍ରଗତିର ପ୍ରତିବନ୍ଧକ । (୧୨)

ଔପନ୍ୟାସିକା **ପ୍ରତିଭା ରାୟ**ଙ୍କ 'ଆଦିଭୂମି' ଆଦିମ ଜନଜାତିର ବୈଚିତ୍ର୍ୟମୟ ସାମାଜିକ, ପାରିବାରିକ ଏବଂ ଧାର୍ମିକ ବିଶ୍ୱାସର ଏକ ଆଲୋଖ୍ୟ । ବଣ୍ଡାମାନଙ୍କର ପାଟଖଣ୍ଡା ମହାପ୍ରଭୁଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଏବଂ ତାଙ୍କୁ କେନ୍ଦ୍ର କରି ତାଙ୍କ ପର୍ବ ପର୍ବାଣିର ଆଲୋଚନା, ବଣ୍ଡା ଜନଜାତି ଭିତରେ ନାରୀର ସ୍ୱାତନ୍ତ୍ରୀୟତା ସ୍ୱାଧୀନତାକୁ ସର୍ବ ସମ୍ମୁଖକୁ ଆଣିବାରେ ପ୍ରୟାସ କରିଛନ୍ତି ଲେଖିକା ବଣ୍ଡା ସମାଜରେ ନାରୀର ସ୍ୱତନ୍ତ୍ର ଭୂମିକା ଯାହାକୁ ବର୍ତ୍ତମାନ ସମାଜର ଲୋକମାନେ ଅନୁକରଣ କରିବା ବାଞ୍ଛନୀୟ ତାହା ଦର୍ଶାଇଛନ୍ତି । ଉପନ୍ୟାସର ନାୟକ ସୋମା ମୁଦୁଲି ମାଧ୍ୟମରେ ସେ ବଣ୍ଡା ଜନଜାତିର ସାମଗ୍ରୀକ ଜୀବନ ଚିତ୍ରକୁ ଚିତ୍ରତ କରିଛନ୍ତି ।(୧୩)

ଏହାଛଡା ଓଡିଆ ସାହିତ୍ୟର ଅନେକ ଉପନ୍ୟାସ ରହିଯାଇଛି ଯାହା ଆଲୋଚନାର ସାପେକ୍ଷ ରଖେ ।

**ନିଷ୍କର୍ସ:**

ଓଡିଆ ଜନଜାତି ଭିତ୍ତିକ ଉପନ୍ୟାସ ଓଡିଆ ସାହିତ୍ୟକୁ ଆଭିଜାତ୍ୟ ଆଣିଦେଇଛି । କାରଣ ଗୋପୀନାଥ ମହାନ୍ତିଙ୍କ ଜନଜାତି ଉପନ୍ୟାସ, ଅମୃତର ସନ୍ତାନ ଭାରତୀୟ ସାହିତ୍ୟ ଦରବାରେ ଓଡିଆ ସାହିତ୍ୟକୁ ସ୍ୱିକୃତୀ ଦେଇଥିଲା । ଜନଜାତି ଭିତ୍ତିକ ଉପନ୍ୟାସରୁ ବିରଳ ଆଦିମ ଜନଜାତି ସମ୍ପର୍କରେ ସାଧାରଣ ଲୋକମାନେ ପରିଚିତ ହୋଇଥିଲେ । ଏକ ସଂସ୍କୃତି

ସମ୍ପନ୍ନ ଗୋଷ୍ଠୀକୁ ବିଶ୍ୱ ଦରବାରେ ପରିଚିତ କରାଇଥିଲା ଓଡିଆ ଜନଜାତି ଭିତ୍ତିକ ଉପନ୍ୟାସ ଗବେଷକମାନଙ୍କୁ ଜନଜାତି ମାନଙ୍କ ଉପରେ ଗବେଷଣା କରିବା ପାଇଁ ପ୍ରେରଣା ଯୋଗାଇଥିଲା । ଜନଜାତି ଜୀବନ ସଂସ୍କୃତିକୁ ନେଇ ଆଗାମୀ ପିଢ଼ିକୁ ଖୋରାକ ଯୋଗାଇବ ଓଡିଆ ସାହିତ୍ୟର ଏହି ଜନଜାତି ଭିତ୍ତିକ ଉପନ୍ୟାସ ।

**ଉପସଂହାର:**

ଓଡିଶାର ଜନସଂଖ୍ୟାର ଏକ ବୃହତ ଅଂଶ ହେଉଛନ୍ତି ଆଦିବାସୀ ଏଣୁ ଏମାନଙ୍କୁ ଛାଡି ଓଡିଆ ସାହିତ୍ୟ ପରିପୃଷ୍ଟ ନୁହେଁ ସେମାନଙ୍କର ଛନ୍ଦହୀନ ସରଳ ନିରଡମ୍ବର ଜୀବନ ଚର୍ଯ୍ୟା, ନୃତ୍ୟ, ସଂଗୀତ ଲୋକ କାହାଣୀ ଓଡିଆ ସାହିତ୍ୟକୁ ପ୍ରଭାବିତ କରିଛି କରୁଥିବ । ସାହିତ୍ୟ ଆଦିବାସୀ ସଂସ୍କୃତି ଓ ସଂପ୍ରଦାୟର ବିଶେଷତ୍ୱର ଗୁରୁତ୍ୱ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଏହି ଆଲୋଚନାର ଅନ୍ୟ ଏକ ଆଭିମୁଖ୍ୟ । କାରଣ ସାହିତ୍ୟ ହିଁ ଏକମାତ୍ର ପୃଷ୍ଠଭୂମୀ ଯାହା ବିରଳ ତଥା ବୈଶିଷ୍ଟ୍ୟ ସମ୍ପନ୍ନ ଲୋକସଂସ୍କୃତି ଓ ଜୀବନସଂସ୍କୃତିର ପୃଷ୍ଟପୋଷକ ପରିବେଷଣ ତଥା ରକ୍ଷଣା ବେକ୍ଷଣାରେ ସଫଳ ସହାୟକ ହୋଇପାରିବ । ତେଣୁ ଅଧିକରୁ ଅଧିକ ସାହିତ୍ୟ ସୃଷ୍ଟି ହୋଇ ଏହି ଜନଜାତି ସଂସ୍କୃତିକୁ ସମୟ ଗର୍ଭରେ ଅବଲୁପ୍ତ ତଥା ଅବକ୍ଷୟ କବଳରୁ ରକ୍ଷା କରିବା ଆମ ସାହିତ୍ୟିକ ଏବଂ ସାହିତ୍ୟ ପ୍ରେମୀ ମାନଙ୍କର ଦାୟିତ୍ୱ ବୋଧ ହେବା ଏକାନ୍ତ ଆବଶ୍ୟକ ।

**ସହାୟକ ଗ୍ରନ୍ଥ ସୂଚୀ:**


(୧) ଓଡିଶାର ଆଦିବାସୀ : ରବିନ୍ଦ୍ର ମୋହନ ସେନାପତି, ବିଦ୍ୟାଭାରତୀ, କଟକ

(୨) ବନଜା : ୨୦୦୯, ୨୦୧୦, ୨୦୧୧

(୩) ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ : ପଠାଣି ପଟ୍ଟନାୟକ

(୪) ଦକ୍ଷିଣାଞ୍ଚଳୀୟ ଓଡିଆ ଜନଜାତି ସଂସ୍କୃତି ଓ ସାହିତ୍ୟ: ଦେବାଶିଷ ପାତ୍ର, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

(୫) ପରଜା: ଗୋପୀନାଥ ମହାନ୍ତି, ବିଦ୍ୟାପୁରୀ, କଟକ- ୨୦୦୭

(୬) ଗୋପୀନାଥ ମହାନ୍ତି : ଅମୃତର ସନ୍ତାନ, ବିଦ୍ୟାପୁରୀ, କଟକ, ୨୦୦୮, ପୃ ୪୬୮

(୭) କାହ୍ନୁଚରଣ ମହାନ୍ତି: ବନଗହନ ତଳେ, ଫ୍ରେଣ୍ଡସ୍ ପ୍ଲବିଶର୍ସ, ୨ୟ ସଂସ୍କରଣ, ୧୯୭୮

(୮) ଅମୃତର ସନ୍ତାନ: ଗୋପୀନାଥ ମହାନ୍ତି, ବିଦ୍ୟାପୁରୀ, ତୃତୀୟ ସଂସ୍କରଣ ।

(୯) ବନବାସୀ ଗବେଷଣା ଓ ଗବେଷକ: ଗୋବର୍ଦ୍ଧନ ପଣ୍ଡା

(୧୦) କାହ୍ନୁଚରଣ ମହାନ୍ତି: କାତ୍ରାକାଲେଲି, ଫ୍ରେଣ୍ଡସ୍ ପ୍ଲବିଶର୍ସ, ୨ୟ ସଂସ୍କରଣ, ୧୯୭୮

(୧୧) ଗୋବିନ୍ଦ ଚନ୍ଦ୍ର ଦାସ : ଲାସୁ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୮୧

(୧୨) ସୁନାପୁଟର ଲୋକ : ହୃଷିକେଶ ପଣ୍ଡା, ଗ୍ରନ୍ଥ ମନ୍ଦିର, କଟକ

(୧୩) ଓଡିଶା ସାହିତ୍ୟ ଓ ଆଦିବାସୀ ସଂସ୍କୃତି : ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

(୧୪) ଓଡ଼ିଆ ଉପନ୍ୟାସର ଡକ୍ଟର କୃଷ୍ଣ ଚରଣ ବେହେରା

(୧୫) ଆଦିଭୂମି : ପ୍ରତିଭା ରାୟ । ପ୍ରକାଶକ ଶୁକଦେବ ସାହୁ